## ମୋ ଗାଁ ମୋର ଗୌରବ



ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ଦେଶୀ ମାଗୁର ମାଛ ଚାଷ

**ପୋଖରୀ ନିର୍ମାଣ ଓ ପ୍ରସ୍ତୁତି :**

- ମାଗୁର ମାଛ ଉତ୍ପାଦନ କ୍ଷମତା ଓ ସୁରିଚାଳନାକୁ ଆଖିରେ ରଖି ପାଳନ ପୋଖରୀ ଆୟତାକାର (୦.୦୨-୦.୧ ହେକ୍ଟର) ହେବା ଭଲ
- ପାଣିର ଉଚ୍ଚତା ୦.୭୫-୧.୦ ମିଟର ରହିବା ଆବଶ୍ୟକ । ମାଟି ଅତଡା ନ ଖସିବା ପାଇଁ ବନ୍ଧର ଗଡାଣି ୧:୨-୧:୩ ରହିବା ଉଚିତ୍ । ଜଳ ପଉନଠାରୁ ବନ୍ଧ ହୁଡାର ଉଚ୍ଚତା ଅତି କମ୍‌ରେ ୧୦୦ ସେ.ମି ହେବା ଦରକାର ।
- ମାଟିର ପାଣି ଧାରଣ ଶକ୍ତିକୁ ଆକଳନ କରି ଅନୁକୂଳ ଗୁଣାଙ୍କ ପରଖି ନେବା ଉଚିତ୍ ।
- ବର୍ଷାଦିନରେ ମାଗୁରମାଛ ପୋଖରୀରୁ ଉଠି ଧୀରେ ଧୀରେ ଗୁରୁଣ୍ଡି ବାହାରକୁ ଚାଲି ଯାଇଥାନ୍ତି । ପୋଖରୀ ନିର୍ମାଣ ସମୟରେ ଭିତର ପାଖ ବନ୍ଧ ହୁଡାକୁ ଏପରି ପ୍ରସ୍ତୁତ କରିବା ଉଚିତ୍ ଯଦ୍ୱାରା ମାଛ ପୋଖରୀ ବାହାରକୁ ଯାଇ ପାରିବେ ନାହିଁ ।
- ନୂତନ ଭାବେ ଖୋଳାଯାଇଥିବା ପୋଖରୀ ଚାରି ପାଖରେ ଥିବା ଅଦରକାରୀ ଗଛଲତା, ଘାସ ଜଳୀୟ ବନସ୍ପତି ଇତ୍ୟାଦିକୁ ସଫା କରିବା ଆବଶ୍ୟକ ।
- ପୁରୁଣା ପୋଖରୀରେ ଥିବା ଗୁଳ୍ମ ଓ ଜୀବ ସମୂହ ମୂଳ ଉତ୍ପାଟନ, ତଥା ଶିକାରୀ ମାଛଙ୍କୁ ନିର୍ମୂଳ କରିବା ଦରକାର ।
- ମହୁଲ ପିଡିଆ ( ୨୫୦୦ କି.ଗ୍ରା/ହେ) ଅଥବା ବ୍ଲିଚିଙ୍ଗ ପାଉଡର (୩୫୦ କି.ଗ୍ରା/ହେ) ପ୍ରୟୋଗ ଦ୍ୱାରା ଶିକାରୀ ମାଛ ଓ ଅଣ୍ଡାକୁ ପୋଖରୀରୁ ମାରି ଦିଆଯାଏ । ଜଳର ପି.ଏଚ୍ ସ୍ଥିର ରଖିବା ପାଇଁ ପଥର ବା ସିପ ଚୂନ ବ୍ୟବହାର ୨୦୦-୨୫୦ କି.ଗ୍ରା/ହେ. ଦେବା ଉଚିତ୍ ।

**ଅଙ୍ଗୁଳିକାୟରୁ ବଡ ମାଗୁର ମାଛ ଚାଷ ପ୍ରକ୍ରୀୟା:**

- ପରିଚାଳନାଗତ ସୁବିଧାକୁ ଦୃଷ୍ଟିରେ ରଖି ୨୦୦-୧୦୦୦ ବର୍ଗମିଟର ଏବଂ ଅଳ୍ପ ଗଭୀର ୦.୭୫-୧.୦ ମିଟର ପୋଖରୀ, ପଥର ପୋଖରୀ ବା ସିମେଣ୍ଟ ଟାଙ୍କିକୁ ବଡ ମାଗୁର ଚାଷ ପାଇଁ ବ୍ୟବହାର କରାଯାଇପାରେ ।
- ହେକ୍ଟର ପିଛା ୫୦,୦୦୦-୭୦,୦୦୦ ଅଙ୍ଗୁଳିକାୟ ମାଗୁର ଜାଆଁଳ ପୋଖରୀରେ ଛାଡ଼ିବା ପାଇଁ ପରାମର୍ଶ ଦିଆଯାଇଥାଏ । ଏହି ମାତ୍ରାରୁ ପୁନଃ ହ୍ରାସ ପରିମାଣ ଅଧିକ ବୃଦ୍ଧି ଓ ଅମଳରେ ସହାୟକ ହୋଇଥାଏ ।
- ବଡ ଅଙ୍ଗୁଳିକାୟ (୩-୫ ଗ୍ରାମ୍) ପୋଖରୀରେ ଛାଡିବା ଦ୍ୱାରା ଅଳ୍ପ ସମୟ ଅବଧରେ ଅଧିକ ସଂଖ୍ୟାରେ ବଡମାଛ ଅମଳ ପରିମାଣ ବୃଦ୍ଧି ଘଟିଥାଏ ।

- ମାଗୁର ଏକ ବାୟୁଶ୍ୱାସୀ ମାଛ ଏବଂ ପାଣିର ଉପର ସ୍ତରରୁ ବାୟୁମଣ୍ଡଳୀୟ ଅମ୍ଳଜାନ ନେବା ପାଇଁ ବାରମ୍ବାର ଆସିଥାନ୍ତି । ଏହି ସମୟରେ ଶିକାରୀ ପକ୍ଷୀ ଯଥା ବଗ, ପାଣିକୁଆ ପ୍ରଭୃତିଙ୍କ ଶିକାର ହୋଇଥାନ୍ତି । ପୋଖରୀ ଉପରେ ଜାଲ ବାନ୍ଧିବା ଦ୍ୱାରା ଜଳୀୟ ପକ୍ଷୀ ଦ୍ୱାରା କ୍ଷତିକୁ ଆଡେଇ ଦିଆଯାଇଥାଏ ।

**ଖାଦ୍ୟ ପରିଚାଳନା:**

- ମାଗୁର ଚାଷ ପାଇଁ କୃତ୍ରିମ ଖାଦ୍ୟଜନିତ ଖର୍ଚ୍ଚ ଶତକଡା ୬୦-୭୦ ପ୍ରତିଶତ ହୋଇଥାଏ । ତେଣୁ ସନ୍ତୁଳିତ ପରିପୂରକ ଖାଦ୍ୟର ଚୟନ, ମାଛଙ୍କୁ ଖାଦ୍ୟ ଦେବା ଅବଧି ଓ ସମୟ ପରିମାଣ ଉପରେ ମାଛ ଚାଷର ଆୟ ଓ ଲାଭକ୍ଷତି ନିର୍ଭର କରିଥାଏ ।
- ସମ୍ପ୍ରସାରିତ ଓ ଅର୍ଦ୍ଧ ସଘନ ପ୍ରଣାଳୀ ମାଗୁର ଚାଷ ପାଇଁ ଖାଦ୍ୟ ତିଆରି ଯନ୍ତ୍ର ଦ୍ୱାରା ସେମିଆ ଆକୃତିର ଖଣ୍ଡ ଖଣ୍ଡ କୃତ୍ରିମ ଖାଦ୍ୟ ଦରକାର ହୋଇଥାଏ ।
- ମାଛ ଖାଦ୍ୟ ପ୍ରସ୍ତୁତ ସମୟରେ କାଣ୍ଡିଆ କୁଣ୍ଡା, ବାଦାମ ପିଡିଆ, ସୋୟାବିନ ପ୍ରଭୃତିକୁ ମିଶାଇବା ସହ ଛୋଟ ଅଜାତୀୟା ମାଛ ଶୁଖୁଆ ଗୁଣ୍ଡର ସମ୍ମିଶ୍ରଣ (୩୦-୩୨ ପ୍ରତିଶତ ପ୍ରୋଟିନ୍) ମାଗୁର ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।
- ମାଗୁର ମାଛ ପାଳନ କଲେ ପ୍ରତ୍ୟେକ ଦିନ ଦୁଇଥର ଶରୀର ଓଜନର (୩-୫ ପ୍ରତିଶତ) ସୁନିୟନ୍ତ୍ରିତ ଖାଦ୍ୟ ପୋଖରୀର ବିଭିନ୍ନ ସ୍ଥାନରେ ବାଉଁଶି /ପାଛିଆରେ ଦେଲେ ଉତ୍ପାଦନ ଭଲ ମିଳିଥାଏ ।
- ଆ.ସି.ଏ.ଆର.-ସିଫା ଦ୍ୱାରା ବିକଶିତ ଖାଦ୍ୟ ଷ୍ଟାର୍ଟର-ଏମ୍, ସିଫା-ମା ପ୍ରଭୃତି ବିଭିନ୍ନ ଲାଳନ ପାଳନ ସମୟରେ ଉପଯୋଗ ଦ୍ୱାରା ଅଧିକ ଅମଳ ହେବା ପ୍ରୟୋଗାତ୍ମକ ଗବେଷଣାରୁ ପ୍ରମାଣିତ ହେଉଛି ।
- ବ୍ୟବସାୟିକ ସଂସ୍ଥାମାନେ ମଧ୍ୟ ଶୁଖୁଆ ଗୁଣ୍ଡ ମିଶ୍ରିତ ଖାଦ୍ୟ ବଜାରରେ ବିକ୍ରୀ କରୁଛନ୍ତି । ଏହାର ବ୍ୟବହାରରେ ମାଗୁର ଚାଷର ସୁଫଳ ମିଳିଥାଏ । ।

**ରୋଗ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ:**

- ଚାଷୀ ମାଗୁର ମାଛର ପ୍ରତିକୂଳ ଅବସ୍ଥା ଓ ପୁଷ୍ଟିହୀନତା ଦ୍ୱାରା ରୋଗଗ୍ରସ୍ତ ଲକ୍ଷଣ ବିଷୟରେ ଜାଣିବା ନିହାତି ଆବଶ୍ୟକ ।
- ସାଧାରଣତଃ ଭୂତାଣୁ, ଜୀବାଣୁ ଓ ଶିଉଳିଜାତ (ଫିଙ୍ଗସ୍) ମାଗୁର ପାଳନ ସମୟରେ ମୁଖ୍ୟ ବ୍ୟାଧି ସୃଷ୍ଟିକାରକ ଜୀବ ।
- ଅସୁସ୍ଥକର ଜଳୀୟ ପରିବେଶ ଯୋଗୁଁ ସମୁହ ମାଛ ମୃତ୍ୟୁ ହାର ବଢି ଯାଇଥାଏ ।
- ସିଫାକ୍ସ, ପୋଟାସିଅମ୍ ପରମାଙ୍ଗାନେଟ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ଔଷଧ ଯାଆଁଳ ଓ ବଡମାଛ ଚାଷ ବେଳେ ପ୍ରୟୋଗ କରାଯାଇଥାଏ ।

**ଉତ୍ପାଦନ:**

- ମାଗୁର ମାଛ ସାଧାରଣତଃ ୧୦-୧୨ ମାସ ମଧ୍ୟରେ ୧୦୦-୧୫୦ ଗ୍ରାମ୍ ହୋଇଥାଏ ।
- ମାଛକୁ ପୋଖରି ସଂପୂର୍ଣ୍ଣ ଭାବେ ଶୁଖାଇ ଧରାଯାଇଥାଏ ।
- ବୈଜ୍ଞାନିକ ପଦ୍ଧତିରେ କରିବା ଦ୍ୱାରା ବେଶୀ ମାଗୁର ଉତ୍ପାଦନ କ୍ଷମତା ୨-୩ ଟନ୍ ପ୍ରତି ହେକ୍ଟର ମିଳିଥାଏ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ସଂଗ୍ରାମ କେତନ ସାହୁ,** ପ୍ରଧାନ ବୈଜ୍ଞାନିକ
**ଶ୍ରୀ ଏସ୍. ଫିରୋଜଖାନ୍,** ବୈଜ୍ଞାନିକ
**ଡ. ଶିବ ଶଙ୍କର ଗିରି,** ବିଭାଗୀୟ ମୁଖ୍ୟ (ଏଫ୍ଏମ୍‌ପିଡି)
ଅନୁବାଦକ- **ଡ. ବିଭୁଦତ୍ତ ମିଶ୍ର,** ବୈଷୟିକ ଅଧିକାରୀ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ